## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୨୫।୮:** ଅନୁଗୋଳ ଥାନା ଅଙ୍ଗାରବନ୍ଧ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗାଁର ଗୋପାଳ ଚନ୍ଦ୍ର ସାହୁ(୩୦)। ପୋଖରୀରୁ ଉଦ୍ଧାର କରି ଗୋପାଳଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ, ଗୋପାଳ ଗାଁରେ ଥିବା ବଡବନ୍ଧକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ବନ୍ଧର ଅପରପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବାକୁ ଅନ୍ୟମାନଙ୍କୁ ଡାକ ପକାଇଥିଲେ। ଲୋକମାନେ ପହଞ୍ଚି ଗୋପାଳଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

### ଇସ୍କନରେ ନନ୍ଦୋତ୍ସବ ପାଳିତ



**ଅନୁଗୋଳ ଅଫିସ, ୨୫।୮:** ଅନୁଗୋଳ ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ପୂଜା, ଭଜନକୀର୍ତ୍ତନ ସହ ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଶ୍ଳୋକପାଠ, ଓଡ଼ିଶୀ ନୃତ୍ୟ ଓ ଫ୍ୟାନ୍ସି ଡ୍ରେସ୍ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ସନ୍ୟାସୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ରବିବାର ନନ୍ଦୋତ୍ସବ ସହ ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ପ୍ରଭୁପାଦଙ୍କ ଜନ୍ମ ଦିନ ମଧ ପାଳିତ ହୋଇଯାଇଛି। ୩ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଇସ୍କନ କେନ୍ଦ୍ର ପରିଚାଳକ ଜୟଗୋପାଳ ଦାସ ଓ ସମସ୍ତ ଭକ୍ତ ଉତ୍ସାହର ସହିତ ସହଯୋଗ କରିଥିଲେ।

### ଭିଡିଓ ଭାଇରାଲ ଧମକ ମାମଲା, ଯୁବକ ଅଟକ

**ଅନୁଗୋଳ ଅଫିସ, ୨୫।୮:** ଅନୁଗୋଳ ସହରରେ ରହୁଥିବା ଜଣେ ମହିଳାଙ୍କ ସହ ପ୍ରଥମେ ପ୍ରେମ ଓ ପରେ ଶାରୀରିକ ସମ୍ପର୍କ ରଖି ତାହାର ଭିଡିଓ ଭାଇରାଲ କରିବାକୁ ଜନୈକ ଯୁବକ ଧମକ ଦେଉଥିବା ନେଇ ଶନିବାର ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ଯାଜପୁର ଜିଲାର ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମହିଳାଙ୍କ ଅଭିଯୋଗ ଆଧାରରେ ନଂ ୬୪୨/୧୯ରେ ମାମଲା ରୁଜୁ ହୋଇଥିଲା।

### ଜ୍ଞାନବିଜ୍ଞାନ ମେଳା

**ବଡ଼ସାହି,୨୫।୮(ସ୍ୱ.ପ୍ର)** ବଡ଼ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ବିଶ୍ୱାଳ ଏବଂ ଦାନ୍ତୁଣୀ କ୍ଲଷ୍ଟରର ସିଆରସିସି ଦେବବ୍ରତ ଶତପଥୀ ଯୋଗଦେଇ ପ୍ରକଳ୍ପ ବୁଲି ଦେଖି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ଶିଶୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ୩ଟି ବିଭାଗରେ ୫୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ହଟୁନି ସମ୍ପୂର୍ଣ୍ଣ ଜବରଦଖଲ

# ଉଦ୍‌ଘାଟନ ହୋଇପାରୁନି ବସ୍‌ଷ୍ଟାଣ୍ଡ

**ଅନୁଗୋଳ ଅଫିସ, ୨୫।୮**



ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ।

ଅନୁଗୋଳରେ ନିର୍ମାଣାଧୀନ ଅତ୍ୟାଧୁନିକ ସରକାରୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ଅଳ୍ପ କିଛି କାର୍ଯ୍ୟ ଶେଷ ହେଲେ ତାହାକୁ ଉଦ୍‌ଘାଟନ କରାଯିବ। ଗତ ୧୫ ତାରିଖରେ ଏହାର ଉଦ୍‌ଘାଟନ ପାଇଁ ପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲେ ମଧ ତାହା ସମ୍ଭବ ହୋଇପାରି ନାହିଁ। ନିକଟରେ ୩ଟି ଦୋକାନ ଜବରଦଖଲରେ ରହିଥିବାରୁ ଏହି କାର୍ଯ୍ୟ ବିଳମ୍ବ ହେଉଥିବା ଓଏସ୍‌ଆରଟିସିର ୟୁନିଟ୍ ଇନ୍‌ଚାର୍ଜ ମାଗୁଣି ମହାନ୍ତି କହିଛନ୍ତି। ୧ ଏକର ୧୪ ଡିସିମିଲ ଜାଗାରେ ନିର୍ମାଣ ହେଉଥିବା ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ପାଇଁ ରାଜ୍ୟ ସରକାର ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏଠାରେ ଗୋଟିଏ ଛାତ ତଳେ ଟିକେଟ ଘର ସହ ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟ, ଚାଳକ/ହେଲପରଙ୍କ ବିଶ୍ରାମାଗାର, କ୍ୟାଣ୍ଟିନ, ଯାତ୍ରୀ ବିଶ୍ରାମାଗାର ରହିବ। ସେହିପରି ବସ୍‌ଷ୍ଟାଣ୍ଡ ପରିସରରେ ୧୭ କୋଠରି ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ, ୬ଟି ବସ୍ ଟର୍ମିନାଲ ଓ ଗୋଟିଏ ଗ୍ୟାରେଜ ରହିବ। ଯାତ୍ରୀଙ୍କୁ ୨୪ ଘଣ୍ଟିଆ ୱାଇଫାଇ ସେବା ମଧ ମିଳିବ। କିନ୍ତୁ ଲକ୍ଷ୍ୟଧାର୍ଯ୍ୟ ସମୟ ଗଡ଼ି ଯାଇଥିଲେ ବି କାର୍ଯ୍ୟ ଶେଷ ହୋଇପାରୁ ନାହିଁ କି ପ୍ରଶାସନ ଜବରଦଖଲ ସମ୍ପୂର୍ଣ୍ଣ ଉଚ୍ଛେଦ ମଧ କରିପାରୁ ନାହିଁ। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଇତିମଧ୍ୟରେ ୩୦ ବର୍ଷ ଧରି ଜବରଦଖଲରେ ଥିବା କେତେକ ଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏଥିପାଇଁ ୧୮ଟି ଦୋକାନୀଙ୍କୁ ନୋଟିସ୍ ଦିଆଯାଇଥିଲା। ସେଥିମଧ୍ୟରୁ ୧୫ଟି ଦୋକାନ ଉଚ୍ଛେଦ ହୋଇଥିବା ବେଳେ ବାକି ୩ଟିକୁ ପ୍ରଶାସନ ହାତ ମାରିପାରି ନାହିଁ। ପ୍ରଶାସନ କାହିଁକି ଉକ୍ତ ଦୋକାନକୁ ଉଚ୍ଛେଦ କରିନାହିଁ ତାହାକୁ ନେଇ ଏବେ ଅନ୍ୟ ବ୍ୟବସାୟୀମାନେ ପ୍ରଶ୍ନ କରିଛନ୍ତି।

## ମଦ ପିଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ବଇଣ୍ଡା,୨୫।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡ଼ା ପଞ୍ଚାୟତ ତୁରୁଡା ଗ୍ରାମର ଗଦାଧର ବେହେରା ବିଷାକ୍ତ ମଦ୍ୟପାନ କରି ରବିବାର ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଆଖପାଖ ଗ୍ରାମରେ ବେଆଇନ ଭାବେ ଚୋରା ବିଷାକ୍ତ ମଦ ରନ୍ଧା ଯାଉଛି। ଫଳରେ ରବିବାର ସକାଳେ ଗଦାଧର ଉକ୍ତ ଗ୍ରାମରୁ ମଦ୍ୟପାନ କରି ଆସି ଘରେ କିଛି ସମୟ ବସିବା ପରେ ହଠାତ୍ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ଏହି ଘଟଣା ଗ୍ରାମରେ ପ୍ରଚାର ହେବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଉକ୍ତ ଗ୍ରାମରୁ ତୁରୁଡା ଗ୍ରାମର ୫ ଜଣ ଯୁବକ ପୂର୍ବରୁ ମଦ ପିଇ ମୃତ୍ୟୁବରଣ କରିଥିବାବେଳେ ପ୍ରଶାସନ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## କବି ରାଧାମୋହନଙ୍କ ସ୍ମୃତିଚାରଣ




**ଅନୁଗୋଳ ଅଫିସ, ୨୫।୮**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ପଦ୍ମଶ୍ରୀ କବି ରାଧାମୋହନ ଗଡ଼ନାୟକଙ୍କ ଜନ୍ମୋତ୍ସବ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅନୁଗୋଳ ଜିଲା ସାହିତ୍ୟ ସଂସଦ ସହଯୋଗରେ ପାଳିତ ହୋଇଯାଇଛି। ପ୍ରଥମେ ଡାକ୍ତର ଗୌରମୋହନ ବିଶ୍ୱାଳ ଓ ହାସ୍ୟ ବିଦ୍ୟୁଷୀ ପଙ୍କଜିନୀ ଦାଶଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କବିଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶୁଭଶ୍ରୀ ମିଶ୍ର ମଙ୍ଗଳଧ୍ୱନି କରିଥିଲେ। ପ୍ରାଧ୍ୟାପକ ଶାନ୍ତନୁ କୁମାର ସର ଅତିଥି ପରିଚୟ ସହ କବିଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଗଙ୍ଗାଧର କର, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ମୁଖ୍ୟବକ୍ତା ଭାବେ ଡ. ପଞ୍ଚାନନ ମିଶ୍ର ଯୋଗ ଦେଇଥିଲେ। ଡ. ଗୌରାଙ୍ଗଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଡ. ପୁଷ୍ପଲତା ରଥଙ୍କ ପୁସ୍ତକ ଅପଥଗାମୀର ଚିହ୍ନା ପଥ। ଗୌରହରି ବେହେରାଙ୍କ ପୁସ୍ତକ ଓ ରାଧାକାନ୍ତ ମହାନ୍ତିଙ୍କ କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା। କବିତା ଆବୃତ୍ତି ପ୍ରତିଯୋଗିତାରେ ଦେବଦତ୍ତ ତ୍ରିପାଠୀ ପ୍ରଥମ, ପ୍ରିୟଦର୍ଶିନୀ ପ୍ରଧାନ ଦ୍ୱିତୀୟ ଓ ଖୁସି ବର୍ମା ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ।

## ଅତ୍ୟାଧୁନିକ ପୋଷାକ ଶୋ’ରୁମ୍ ଉଦ୍‌ଘାଟିତ



**ତାଳଚେର, ୨୫।୮(ନି.ପ୍ର.)**

ଗଣେଶ ପୂଜା ଅବ୍ୟବହିତ ପୂର୍ବରୁ ତାଳଚେର ହାଣ୍ଡିଧୂଆଁ ଛକ ନିକଟରେ ରବିବାର ଏକ ଅତ୍ୟାଧୁନିକ ପୋଷାକ ଶୋ’ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ବବିତା ମାଣ୍ଡୋଠିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋ’ରୁମରେ କ୍ରିମଶନ କ୍ଲବ, ଟରଟଲ, ମୁଫ୍‌ତି, କିଲର, ବଟରଫ୍ଲାଏ ଭଳି କମ୍ପାନୀର ପୋଷାକ ଉପଲବ୍ଧ। ଏହା ଅନୁଗୋଳ ଜିଲାର ୫ ନମ୍ବର ଶୋ’ରୁମ ଓ ତାଳଚେର ଶିଳ୍ପାଞ୍ଚଳ ବାସିନ୍ଦାଙ୍କ ଚାହିଦାକୁ ପୂରଣ କରିବାରେ ସକ୍ଷମ ହୋଇପାରିବ ବୋଲି ସ୍ୱତ୍ୱାଧିକାରୀ ପବନ ମାଣ୍ଡୋଠିଆ ପ୍ରକାଶ କରିଛନ୍ତି। ଉଦ୍‌ଘାଟନ ଅବସରରେ ଜୟପ୍ରକାଶ ମାଣ୍ଡୋଠିଆ, ରାଜୀବ ଅଗ୍ରୱାଲ, ଲକ୍ଷ୍ମୀ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଲୋକଙ୍କ ନିକଟରେ ପହଞ୍ଚିବାକୁ ପରାମର୍ଶ

**ଛେଣ୍ଡିପଦା, ୨୫।୮(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ଥାନା କତଡା ଗୁରୁଣ୍ଡୁ ଗୋପାଳ ଉଚ୍ଚ ବିଦ୍ୟାଳୟଠାରେ ଭାଜପାର ଜରପଡା ମଣ୍ଡଳ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଜରପଡା ମଣ୍ଡଳ ଭାଜପା ଯୁବ ମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ଦାଶ ଓ ଜୀବନାନନ୍ଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଯୋଗ ଦେଇଥିଲେ। ଏହି ସଭାରେ ପ୍ରଥମେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଏମ୍‌ପି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଲୋକଙ୍କ ନିକଟରେ ଯୋଜନା ସବୁ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜରପଡାର କତଡା ପଞ୍ଚାୟତର ଲେଭଲ କ୍ରସିଂ ସମସ୍ୟା ସମାଧାନ, ଜରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ଅନୁଗୋଳ ଜିଲା ସଭାପତି ଭାଗୀରଥି ପ୍ରଧାନ, ଭାଜପା ଜିଲା ସମ୍ପାଦକ ବିଜୟ ମାଝୀ, ସାବିତ୍ରୀ ଚନ୍ଦନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ବର୍ଷା ଜଳ ଘେରରେ ଉତ୍ତରପଡ଼ା ବିଦ୍ୟାଳୟ

# ଶ୍ରେଣୀ ଗୃହରେ ଆଣ୍ଠୁଏ ଉଚ୍ଚର ପାଣି



**ଅନୁଗୋଳ ଅଫିସ, ୨୫।୮**

ଅନୁଗୋଳରେ ରବିବାର ମଧ୍ୟାହ୍ନରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା। ଏହି ସମୟରେ ଡିଆଇସି ଛକରେ ଥିବା ଉତ୍ତରପଡ଼ା ନୋଡାଲ ବିଦ୍ୟାଳୟ ପରିସର ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇପଡ଼ିଥିଲା। ଏପରି କି ଶ୍ରେଣୀଗୃହ ମଧ୍ୟରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ତେବେ ସ୍କୁଲ ଛୁଟି ଥିବାରୁ ଛାତ୍ରୀଛାତ୍ର କିମ୍ବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ କୌଣସି ଅସୁବିଧା ହୋଇ ନ ଥିଲେ ବି ଶ୍ରେଣୀଗୃହରେ କାଦୁଅ ପାଣି ଏକ ଅପରିଷ୍କାର ପରିବେଶ ସୃଷ୍ଟି କରିଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି।

ବିଦ୍ୟାଳୟ ପରିସର, ଶ୍ରେଣୀଗୃହ ଏପରି ଜଳାର୍ଣ୍ଣବ ହୋଇପଡ଼ିବା ସହ ସ୍କୁଲର ବିଭିନ୍ନ ଆସବାବପତ୍ର ପାଣିରେ ଭାସିବା ସ୍କୁଲ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ବିଦ୍ୟାଳୟର ଚତୁଃପାର୍ଶ୍ୱରେ ଘରମାନ ଗଢ଼ି ଉଠିଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ଦିନକୁ ଦିନ ରାସ୍ତା ଉଚ୍ଚ ହେବା ସହ ସେହି ତୁଳନାରେ ସ୍କୁଲ ପରିସରରେ ମାଟି ପଡୁନାହିଁ। ତେଣୁ ବର୍ଷା ହେଲେ ବିଦ୍ୟାଳୟରେ ପାଣି ପଶୁଛି। ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କହିଛନ୍ତି, ସହରରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ଏପରି ପରିସ୍ଥିତି ଉପୁଜୁଛି। ଅନୁଗୋଳ ପୌରପାଳିକା ଡ୍ରେନ ବ୍ୟବସ୍ଥା କରିବା କଥା। କିନ୍ତୁ ତାହା କରୁ ନ ଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ସ୍କୁଲ ସମୟରେ ଏପରି ମୂଷଳ ଧାରାରେ ବର୍ଷା ହେଲେ କର୍ତ୍ତୃପକ୍ଷ ବାଧ ହୋଇ ଛୁଟି କରିଦେବେ ବୋଲି ପ୍ରକାଶ କରିଛନ୍ତି।

## ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ଚାରାରୋପଣ



**ଅନୁଗୋଳ ଅଫିସ, ୨୫।୮**

ପରିବେଶ ପ୍ରଦୂଷଣ ମୁକ୍ତ ଅଭିଯାନ ପାଇଁ ବିଶ୍ୱକର୍ମା ଘରୋଇ ଠିକାଦାର ସଂଘ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକପଡ଼ା ଛକଠାରୁ ରେଲଷ୍ଟେଶନ ପର୍ଯ୍ୟନ୍ତ ୨୦୦ ଚାରା ସଂଘ ପକ୍ଷରୁ ଲଗାଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ମମତା ସାହୁ, ସମିତି ସଭ୍ୟା ଅଞ୍ଜଳି ଦେହୁରୀ, ଇଞ୍ଜିନିୟର ଯଶପାଲ ସିଂ, ଅରୁଣ ସାହୁ, ମନୋଜ କୁମାର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ସଭାପତି ବିଜୟ କୁମାର ତ୍ରିପାଠୀ, ଉପ ସଭାପତି ନିର ସାହୁ, ସମ୍ପାଦକ ଶାଶ୍ୱତ ଦାସ, କୋଷାଧକ୍ଷ କିଶୋରୀ ପ୍ରଧାନ ଓ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅନ୍ୟ ସ୍ଥାନଗୁଡ଼ିକରେ ଚାରା ଲଗାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ‘ମୁଁ ବି ବଞ୍ଚିବାକୁ ଚାହେଁ’ ଶ୍ରେଷ୍ଠ ବିବେଚିତ



ଅତିଥି ଓ କର୍ମକର୍ତ୍ତାଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

**ଅନୁଗୋଳ ଅଫିସ, ୨୫।୮**

ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଦ୍ୟାଳୟଗୁଡ଼ିକରେ ଗଢ଼ାଯାଇଥିବା ଲିଗାଲ୍ ଲିଟ୍ରେସି କ୍ଲବମାନଙ୍କ ମଧ୍ୟରେ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏହାର ଆୟୋଜନ କରାଯାଇଥିଲା। ଏଥିରେ ଅନୁଗୋଳ ଚମ୍ପତିମୁଣ୍ଡା ଜବାହର ନବୋଦୟ ବିଦ୍ୟାଳୟ, ରନ୍ତଲେଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଛେଳିଆପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଆଦି ଅଂଶଗ୍ରହଣ କରିଥିଲେ।

ପ୍ରତିଯୋଗିତାରେ ବାଲ୍ୟ ବିବାହ ନିରୋଧ ଆଇନ, ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ, ଏସିଡ୍ ଆକ୍ରମଣରେ ଶିକାର ହୋଇଥିବା ପୀଡ଼ିତାଙ୍କୁ ସାହାଯ୍ୟ ଓ କ୍ଷତିପୂରଣ ଆଇନ, ଯୌତୁକ ନିରୋଧ ଆଇନ, ବୃଦ୍ଧାବୃଦ୍ଧଙ୍କ ପାଇଁ ଭରଣପୋଷଣ ଆଇନ, ଶିଶୁ ସୁରକ୍ଷା ଅଧିକାର ଆଇନ ତଥା ଜନହିତକର ଆଇନଗୁଡ଼ିକୁ ପ୍ରସଙ୍ଗ କରି ନାଟକ ‘ଆଶୀର୍ବାଦ ବନାମ ନାଲ୍‌ସା’, ‘ମୁଁ ବି ବଞ୍ଚିବାକୁ ଚାହେଁ’, ‘ମାୟା ପ୍ରସାର’ ଓ ‘ଏମିତି ଭାଇ ଜଗତେ ନାହିଁ’ ଆଦି ପରିବେଷଣ ହୋଇଥିଲା। ସେଥିମଧ୍ୟରୁ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ‘ମୁଁ ବି ବଞ୍ଚିବାକୁ ଚାହେଁ’ ଶ୍ରେଷ୍ଠ ବିବେଚିତ ହୋଇଥିଲା। ସେହିପରି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରନ୍ତଲେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ‘ଆର୍ଶୀବାଦ ବନାମ ନାଲ୍‌ସା’ ଦ୍ୱିତୀୟ ହୋଇଥିଲା। ଏଥିସହ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଗୋଳ ରେଜିଷ୍ଟ୍ରାର ସିଭିଲ୍ କୋର୍ଟର ବାସୁଦେବ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ବିଚାରପତି ଲିଲିପ୍ସା ପଶାୟତ ଓ ଅନୁଗୋଳ ଏସ୍‌ଡିଜେଏମ୍ ବିଶ୍ୱଜିତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଭାବେ ଚଳଚ୍ଚିତ୍ର ଅଭିନେତା ଅଶୋକ କୁମାର ଦାସ, ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ଦାସ, ପ୍ରଫେସର ଇନ୍ଦିରା ଦାସ, ଶାନ୍ତନୁ ସର, ପ୍ରଦୀପ ଦାଶ, ଡ. ମଞ୍ଜୁଲତା ମହାପାତ୍ର, ପ୍ରହଲ୍ଲାଦ ବେହେରା ଓ ପର୍ଶୁରାମ ଦାଶ ଯୋଗ ଦେଇଥିଲେ। ବିଜେତାମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ପରିଚାଳନା କରିଥିଲେ। ପ୍ରାଧିକରଣର ସମସ୍ତ କର୍ମଚାରୀ ଓ ପାରାଲିଗାଲ୍ ଭଲ୍ୟୁଣ୍ଟର ସହଯୋଗ କରିଥିଲେ।

## ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଜନ୍ମାଷ୍ଟମୀ

**ଛେଣ୍ଡିପଦା,୨୫।୮(ସ୍ୱ.ପ୍ର)**



ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜେଇ ହୋଇଛନ୍ତି।

ଛେଣ୍ଡିପଦା ବ୍ଲକ ମହିତଳା ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଫକିର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୌତୁକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜେଏସପିଏଲର ମହିଳା ସମିତି ଅଧ୍ୟକ୍ଷା ପୁଷ୍ପଲତା ଶତପଥି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ପ୍ରାର୍ଥନା ସଭାରେ ଶ୍ରୀକୃଷ୍ଣଙ୍କ ଜନ୍ମବୃତ୍ତାନ୍ତ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପ୍ରାୟ ୩୦ଜଣ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ଓ ରାଧାଙ୍କ ବେଶ ହୋଇ ନୃତ୍ୟ ଓ ଶ୍ଳୋକ ଗାନ କରିଥିଲେ। ପରେ ୮୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଜିନ୍ଦଲ ଅଧ୍ୟକ୍ଷା ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସେସୁ ଅଫିସ୍ ଘେରାଉ

ବଅଁରପାଳ, ୨୫।୮ (ଡି.ଏନ୍.ଏ): ବଅଁରପାଳ ବ୍ଲକ ଅନ୍ତର୍ଗତ ଝଜିରି, ଚୌରାଡ଼ିହ ଓ ବନ୍ଦା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରୁଥିବା ୧୧ କେଭି ତାର ଶନିବାରଠାରୁ ଛିଣ୍ଡି ଯାଇଛି। ଏଥିଯାଗୁ ଏହି ୩ ଗ୍ରାମର ଲୋକେ ୨ ଦିନ ହେଲା ବିନା ବିଜୁଳିରେ ହନ୍ତସନ୍ତ ହେଉଛନ୍ତି। ଜରୁରୀ କାମ ସହ ଛାତ୍ରୀଛାତ୍ରଙ୍କ ପାଠପଢାରେ ଅସୁବିଧା ହେଉଥିବା ଗ୍ରାମବାସୀ ଅଭିଯୋଗ କରି ତୁରନ୍ତ ମରାମତି ପାଇଁ ରବିବାର ସେସୁ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ତାର ବହୁ ପୁରୁଣା ହୋଇଥିଲେ ହେଁ ଏହାକୁ ବଦଳା ଯାଉନାହିଁ। ବାରମ୍ବାର ତାର ଛିଣ୍ଡି ବିଦ୍ୟୁତ ବିଭ୍ରାଟ ଉପୁଜୁଛି। ଏ ନେଇ ଅଭିଯୋଗ ପରେ ମଧ ସେସୁ କର୍ମଚାରୀ ଗୁରୁତ୍ୱ ଦେଉନାହାନ୍ତି। ଶନିବାର ଏହି ତାର ଛିଣ୍ଡି ଯାଇ ଯାଇଥିବାରୁ ୩ଟି ଗ୍ରାମ ସମ୍ପୂର୍ଣ୍ଣ ଅନ୍ଧାର ରହିଛି। ତୁରନ୍ତ ମରାମତି କରାଯାଇ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ଦାବିରେ ଗ୍ରାମବାସୀ ସକାଳେ ସେସୁ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ସେମାନେ ବଅଁରପାଳ ଥାନାକୁ ଆସି ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମର ଲମ୍ବୋଦର ପ୍ରଧାନ, ପ୍ରକାଶ ସାହୁ, ହେମନ୍ତ ସାହୁ, ନିରଞ୍ଜନ ସାହୁ, ବିକାଶ ବାରିକ, ପ୍ରଦୀପ ବେହେରା, ସୁଶାନ୍ତ ସାହୁ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ସେସୁ କନିଷ୍ଠ ଯନ୍ତ୍ରୀ ଅନନ୍ତ ଦେହୁରୀ କୁହନ୍ତି, ପୁରୁଣା ତାର ଯୋଗୁ ତାହା ଛିଣ୍ଡି ଯାଇଛି। ନୂଆ ତାର ଲଗାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

### ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ

ବାଲିଆପାଳ,୨୫।୮(ଡି.ଏନ.ଏ. /ସ୍ୱ.ପ୍ର.): ବାଲିଆପାଳ ବ୍ଲକ ଇଡ଼କୋ ପରିସର ମଧରେ ଥିବା ବାମୁଲ୍ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରରେ କାମ କରୁଥିବା କର୍ମଚାରୀ ଅଶ୍ୱିନୀ ଗିରି (୨୫)ଙ୍କ ବିଦ୍ୟୁତ୍ ଆଘାତରେ ରବିବାର ମୃତ୍ୟୁ ଘଟିଛି। ରବିବାର ଅପରାହ୍ନ ସାଢେ ଗୋଟାଏରେ ଅକାମୀ ହୋଇଥିବା ମିଲ୍କ ପମ୍ପକୁ ପରିବର୍ତ୍ତନ କରିବା ସମୟରେ ତାଙ୍କୁ ଆଘାତ ଲାଗିଥିଲା। ଅନ୍ୟ କର୍ମଚାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୧୯) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ପରିବାର ଲୋକ ଓ ସାଥି କର୍ମଚାରୀମାନେ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଏବଂ ବଡ଼ଭାଇକୁ କମ୍ପାନୀର କର୍ମଚାରୀ ଭାବେ ନିଯୁକ୍ତି ଦାବି କରି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। ଖବରଲେଖା ହେବା ବେଳକୁ ଏକ ପ୍ଲାଟୁନ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାମୁଲ ଫ୍ୟାକ୍ଟ୍ରିକୁ ଜଗି ରହି ପରିସ୍ଥିତି ଉପରେ ନଜର ରଖିଛି।

■ଓଡ଼ିଶା ଅଭିଭାବକ ମହାସଂଘର ଖବରଦାତା ସମ୍ମିଳନୀ

# ଡିଏଭି କର୍ତ୍ତୃପକ୍ଷଙ୍କ ଶୋଷଣ ନୀତି ଚଳିବ ନାହିଁ




ଖବରଦାତା ସମ୍ମିଳନୀରେ ଅଭିଭାବକ ସଂଘର କର୍ମକର୍ତ୍ତା।

ତାଳଚେର, ୨୫।୮(ନି.ପ୍ର.)

ତାଳଚେର ଅଞ୍ଚଳରେ ଥିବା ଡିଏଭି ସ୍କୁଲ କର୍ତ୍ତୃପକ୍ଷ ସରକାରଙ୍କ ନୀତି ନିୟମ ଅନୁସାରେ କାମ କରିବା ଦରକାର। ନଚେତ ଆଗାମୀ ଦିନରେ ଡିଏଭି କର୍ତ୍ତୃପକ୍ଷଙ୍କ ମନମାନି ଓ ଶୋଷଣ ନୀତି ଚଳିବ ନାହିଁ ବୋଲି ରବିବାର ତାଳଚେରରେ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛି ଓଡ଼ିଶା ଅଭିଭାବକ ମହାସଂଘ।

ସ୍ଥାନୀୟ ସଭାଘରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଦସ୍ୟମାନେ ରାଜ୍ୟ ସରକାରଙ୍କ ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ କହିଥିଲେ ଯେ, ଅନୁଗୋଳ ଜିଲାରେ ଅନେକ ସ୍କୁଲ ରହିଛି, ଯାହାର ନୋ ଅବଜେକଶନ ସାର୍ଟିଫିକେଟ (ଏନଓସି) ଏବଂ ସାର୍ଟିଫିକେଟ ଅଫ ରେକଗନାଇଜେଶନ (ସିଓଆର) ନାହିଁ। ଏହି ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ନ ଖେଳି ତୁରନ୍ତ ଏନଓସି ଏବଂ ସିଓଆର କରାଇ ନେବାକୁ ମହାସଂଘ ପରାମର୍ଶ ଦେଇଛି। ନଚେତ ଖୁବ୍‌ଶୀଘ୍ର ଜିଲାରେ ଅନେକ ସ୍କୁଲ ବନ୍ଦ ହେବାର ଆଶଙ୍କା ରହିଛି। ତାଳଚେରର ଅଭିଭାବକମାନେ ଖୁବ ସଚେତନ। ଡିଏଭି ଅଭିଭାବକ ସଂଘର ସମସ୍ୟାକୁ ମହାସଂଘ ସମର୍ଥନ କରିବା ସହିତ ସମାଧାନ ଦିଗରେ ପଦକ୍ଷେପ ନେବ। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ସ୍କୁଲ କର୍ତ୍ତୃପକ୍ଷ ମାତ୍ର ୮ ପ୍ରତିଶତ ଫି ବୃଦ୍ଧି କରି ପାରିବେ। ଅଧିକ ଫି ନେଇଥିଲେ ତାହାକୁ ପରବର୍ଷ ଫି ରୁ ବାଦ ଦିଆଯିବାର ବ୍ୟବସ୍ଥା ମଧ ରହିଛି। ତାଳଚେର ଅଞ୍ଚଳରେ ଥିବା ଡିଏଭି ସ୍କୁଲରେ ଅବ୍ୟବସ୍ଥା ସମ୍ପର୍କରେ ଅଭିଭାବକମାନଙ୍କ ସହିତ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଖବରଦାତା ସମ୍ମିଳନୀରେ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ, ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ, ସୁଧାଂଶୁ ପ୍ରଧାନ, ପୁଣ୍ୟଶ୍ଳୋକ ମହାନ୍ତି, ରାଜୀବ ପଟ୍ଟନାୟକ, ତାଳଚେର ଅଭିଭାବକ ସଂଘ ସଭାପତି ସଞ୍ଜୀବ ପଟ୍ଟନାୟକ, ସମ୍ପାଦକ ବିସ୍ମୟ ଦାସ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

## ପଦକ୍ଷେପ ନ ନେଲେ ଧାରଣା

ତାଳଚେର, ୨୫।୮(ନି.ପ୍ର.)

ଡିଏଭି ଅଣ ଏମ୍‌ସିଏଲ୍ ଅଭିଭାବକ ସଂଘର ଏକ ବୈଠକ ରବିବାର ଡେରା ଡିଏଭି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ବେଳେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ହଜାର ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ସଂଘ ସଦସ୍ୟମାନେ ଅଭିଯୋଗ କରିଥିଲେ। ଏଠାରେ ଥିବା ୯ ଗୋଟି ସ୍କୁଲରେ ପୂର୍ବ ବର୍ଷ ଫି ଠାରୁ ୨୫ ଗୁଣା ଫି ବୃଦ୍ଧି କରାଯାଇଛି। ଏମ୍‌ସିଏଲ୍ ଓ ଡିଏଭି କର୍ତ୍ତୃପକ୍ଷଙ୍କ ଶୋଷଣ ମନୋଭାବକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ। ପିଟି ସିସି (ପ୍ୟାରେଣ୍ଟ-ଟିଚର କୋଅର୍ଡିନେଶନ କମିଟି) ବିନା ଅନୁମୋଦନରେ ଏହା କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଏ ସମ୍ପର୍କରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏମ୍‌ସିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସଂଘ ସମ୍ପାଦକ ଦେବରଞ୍ଜନ ସାମଲ, ରାଜେଶ ଦାସ, ପଦାରବିନ୍ଦ ବାଇ, ମାନସ ରାୟ, ଗିରିଶ ଚନ୍ଦ୍ର ସାମଲ, ଦୀପନ ରଞ୍ଜନ ମିଶ୍ର, ମାନସ ରଞ୍ଜନ ସାହୁ, ମାନଭଞ୍ଜନ ମହାପାତ୍ର, ଜିତେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଅଭିଭାବକ ବୈଠକରେ ଯୋଗ ଦେଇ ମତାମତ ପ୍ରଦାନ କରିଥିଲେ।



ବୈଠକରେ ଯୋଗ ଦେଇଥିବା ସଂଘର ସଦସ୍ୟମାନେ।

## ବନ୍ତଲା ଛକରେ ସିସିଟିଭି ଲଗାଇବାକୁ ଦାବି




ବୈଠକରେ ପୋଲିସ କର୍ମଚାରୀଙ୍କ ସମେତ ସମିତି ସଦସ୍ୟମାନେ।

ବନ୍ତଲା, ୨୫।୮ (ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଲା ଥାନା ପରିସରରେ ରବିବାର ଆମ ସମିତି ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ପ୍ରଦୀପ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମିତିର ସଦସ୍ୟମାନେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବନ୍ତଲା ଛକରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ସଦସ୍ୟମାନେ ଏସ୍‌ପିଙ୍କୁ ଜଣାଇବା ପାଇଁ ଦାବି ଉଠାଇଥିଲେ। ଏଥିସହ ପୁରୁଣାଗଡ଼ ଫାଣ୍ଡିର ପୁନରୁଦ୍ଧାର ପ୍ରସ୍ତାବ ଦିଆଯିବା ସହ ନାବାଳକ ଗାଡ଼ି ଚାଳକଙ୍କୁ ଧରାଯାଇ ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ହେଲମେଟ ବ୍ୟବହାର, ବନ୍ତଲା ଥାନା ଅଞ୍ଚଳରେ ବାହାରୁ ଆସି ଭଡାରେ ରହୁଥିବା ଲୋକଙ୍କ ସମ୍ପୂର୍ଣ୍ଣ ପରିଚୟ ରଖାଯିବା ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିପରି ଥାନାରେ ମହିଳା ପୋଲିସ ଅଧିକାରୀଙ୍କ ସମେତ ଖାଲି ଥିବା ପଦବୀ ପୂରଣ ପାଇଁ ଦାବି ହୋଇଥିଲା। ବୈଠକରେ ସମିତିର ସଭାପତି ତ୍ରିନାଥ ସାହୁ, ଟୁନା ମହାକୁଡ଼, ମଦନ ସାହୁ, ଲକ୍ଷଣ ସାହୁ, ସୁବାସ ସାହୁ, ଜିତେନ୍ଦ୍ର ପ୍ରଧାନ, ସଞ୍ଜୟ ଦାସ, ଦିନେଶ ଦେହୁରୀ, ଏଏସଆଇ ବି. ଏନ. ସାହୁ, ଥେମେରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଟେରି ଚୋରି ଅଭିଯୋଗ

ବଅଁରପାଳ, ୨୫।୮ (ଡି.ଏନ୍.ଏ)

ବଅଁରପାଳ ଥାନା ଅନ୍ତର୍ଗତ କଳମଛୁଇଁ ଗ୍ରାମର ପରମାନନ୍ଦଙ୍କ ଟ୍ରକରୁ ଏକ ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଟ୍ରକ୍‌ଟି ରାତିରେ ତାଙ୍କ ଘର ନିକଟରେ ଥିବା ସମୟରେ କେହି ଦୁର୍ବୃତ୍ତ ସେଥିରୁ ବ୍ୟାଟେରି ନେଇ ଯାଇଥିବା ପରମାନନ୍ଦ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୭୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେହିପରି ବଅଁରପାଳ ବଜାରରୁ ବସନ୍ତ ଚନ୍ଦ୍ର ପରିଡ଼ା ନାମକ ଜଣେ ବ୍ୟକ୍ତିଙ୍କ ମୋବାଇଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ବଇଣ୍ଡା, ହଣ୍ଡପାରେ ନନ୍ଦୋତ୍ସବ



ବଇଣ୍ଡା,୨୫।୮(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଓ ହଣ୍ଡପା ଗ୍ରାମରେ ଶନିବାର ନନ୍ଦୋତ୍ସବ ପାଳିତ ହୋଇଛି। ହଣ୍ଡପା ଶିବ ମନ୍ଦିରଠାରେ ପୂଜାର୍ଚ୍ଚନା କରିବା ପରେ ଗ୍ରାମବାସୀ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପୂର୍ବରୁ ଗ୍ରାମରେ କୃଷ୍ଣଙ୍କର ଜନ୍ମସ୍ଥାନ ମଣ୍ଡପରେ ୬ଟି ସ୍ଥାନରେ ଦହି ହାଣ୍ଡି ଭଙ୍ଗାଯାଇଥିଲା। ଅତିଥି ଭାବେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ନରେନ୍ଦ୍ର ବେହେରା ଓ ତାଙ୍କ ସାଥୀଙ୍କ ସହଯୋଗରେ ଭଜନ ପରିବେଷଣ କରାଯାଇଥିଲା। ବଇଣ୍ଡା ଗ୍ରାମର ପ୍ରତାପ ପ୍ରଧାନ, ରମାକାନ୍ତ ବେହେରା, ସଞ୍ଜୟ ସାହୁ, ଅବନୀ ବଡ଼ମାଳୀ ପ୍ରମୁଖ ସହଯୋଗ କରିଥିଲେ।

## ସଂସ୍କାର ମୂଳକ ଶିକ୍ଷା ଉପରେ ଗୁରୁତ୍ୱ

ଛେଣ୍ଡିପଦା,୨୫।୮(ଡି.ଏନ.ଏ.)

ଜରପଡା ଶିଶୁ ମନ୍ଦିର ପରିସରରେ ରବିବାର ଶିକ୍ଷା ବିକାଶ ସମିତି ପକ୍ଷରୁ ଛେଣ୍ଡିପଦା ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ସଂଯୋଜକ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମୁଖ୍ୟଅତିଥି ଭାବେ ଜରପଡା ଆଞ୍ଚଳିକ ବିକାଶ ପରିଷଦ ସଭାପତି ନାରାୟଣ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରେ ସଂସ୍କାର ମୂଳକ ତଥା ଶୃଙ୍ଖଳିତ ଶିକ୍ଷା ପ୍ରଦାନ କରାଯିବା ସହ ଶୈକ୍ଷିକ ପରିବେଶ ସୃଷ୍ଟି ଉପରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜରପଡା ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ର, କୋଶଳା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀ, ପ୍ରତାପ କୁମାର ବେହେରା, ପରିଚାଳନା କମିଟିର କର୍ମକର୍ତ୍ତା, ସମସ୍ତ ଗୁରୁମା ଗୁରୁଜୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବୈଠକରେ ସଙ୍କୁଳ ସଦସ୍ୟ, ଗୁରୁମାଗୁରୁଜୀଙ୍କ ସହ ଛାତ୍ରୀଛାତ୍ରମାନେ।

## ପ୍ରତାରଣା ଅଭିଯୋଗ, ଯୁବତୀ ଥାନାର ଦ୍ୱାରସ୍ଥ

ଛେଣ୍ଡିପଦା,୨୫।୮(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବକ ସେହି ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରତାରଣା କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨୫୪/୧୯ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗ ମୁତାବକ, ୨ ବର୍ଷ ତଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ୨ ମାସ ତଳେ ଉଭୟେ କୋର୍ଟରେ ବିବାହ ମଧ କରିଛନ୍ତି। ପରେ ଯୁବକ ଓ ତାଙ୍କ ପରିବାର ଲୋକେ ବାହାଘର ପାଇଁ ରାଜି ହୋଇ ନ ଥିଲେ। ଏ ନେଇ ଉଭୟ ପରିବାର ମଧରେ ବୈଠକ ବସିଥିଲା। କୌଣସି ସମାଧାନ ନ ହେବାରୁ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ଯୁବତୀଙ୍କ ବୟାନ ରେକର୍ଡ କରାଯିବ ବୋଲି ପୋଲିସ କହିଛି।

## ନଭେମ୍ବର ୧୪ରୁ ପୁସ୍ତକ ମେଳା



ବୈଠକରେ ବିଧାୟକଙ୍କ ସମେତ ନାଗରିକ ମଞ୍ଚର ସଦସ୍ୟ ଓ ଅନ୍ୟମାନେ।

କଣିହାଁ, ୨୫।୮(ଡି.ଏନ.ଏ.)

ଆସନ୍ତା ନଭେମ୍ବର ୧୪ ତାରିଖରୁ କଣିହାଁ ବ୍ଲକ ବିଜିଗୋଳ ରାମମନ୍ଦିର ପଡିଆରେ ପୁସ୍ତକ ମେଳା ଓ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ରବିବାର ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ପବିତ୍ରମୋହନ ନାଗରିକ ମଞ୍ଚ ସଭାପତି ପ୍ରହ୍ଲାଦ ଚନ୍ଦ୍ର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ନାଗରିକ ମଞ୍ଚ ପକ୍ଷରୁ ୨୦୧୮ରେ ଆୟୋଜିତ ପୁସ୍ତକ ମେଳାର ଆୟବ୍ୟୟର ହିସାବ କରାଯାଇଥିଲା। ମଞ୍ଚ ସମ୍ପାଦକ ମନୋଜ ଶତପଥୀ, ଉପସଭାପତି କଷ୍ଟୁଚରଣ ସାମଲ, ସହସମ୍ପାଦକ କଳାକାର ବେହେରା, ପରିଚାଳନା କମିଟି ସଦସ୍ୟମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ ୯ ଦିନ ଧରି ପୁସ୍ତକ ମେଳା ଓ ଲୋକ ମହୋତ୍ସବ ଚାଲିବ ବୋଲି ନିଷ୍ପତ୍ତି ହୋଇଛି।

### ରାଧାମୋହନ ଗଡ଼ନାୟକଙ୍କ ସ୍ମୃତି ସଭା

ଅନୁଗୋଳ ଅଫିସ, ୨୫।୮

ବଅଁରପାଳ ସ୍ଥିତ ବନ୍ଦା ପ୍ରାଥମିକ ବିଦ୍ୟାଳୟରେ ଅନୁଗୋଳ ମାଟିର ମହାନ କବି ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀର ଅନୁଗୋଳ ଶାଖା ସମ୍ପାଦକ ଇଂ. ଧନେଶ୍ୱର ସାହୁ ଯୋଗଦେଇ କବିଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। କବିଙ୍କ ଜୟନ୍ତୀ ଉପଲକ୍ଷେ ଏହି ଅବସରରେ ଏକ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନେ ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଡଲି ରାଉତ, ଗୀତାଞ୍ଜଳି ବେହେରା, ବିଦ୍ୟୁଲତା ପ୍ରଧାନ, ନେତ୍ରମଞ୍ଜରୀ ବେହେରା, ସଂଘମିତ୍ରା ସାହୁ, ଅଞ୍ଜନା ସାହୁ, ଯାମିନୀ ନାୟକ ଓ ହରପ୍ରିୟା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଶିଷ୍ଟ ସାମାଜିକ କର୍ମୀ ଡ. ଗୌରମୋହନ ବିଶ୍ୱାଳଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ହୋଇଥିଲା।

■ନାଲ୍‌କୋ ପେରିଫେରୀ ଟ୍ରକ୍ ମାଲିକ ସଂଘ ବୈଠକ

# ପାଉଁଶ ଓଭର ଲୋଡିଂ ନେଇ ଅସନ୍ତୋଷ

ବଅଁରପାଳ, ୨୫।୮ (ଡି.ଏନ୍.ଏ)

ନାଲ୍‌କୋ ପେରିଫେରୀ ଟ୍ରକ ମାଲିକ ସଂଘର ଏକ ସାଧାରଣ ବୈଠକ ସଂଘ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ସିଂହ ସ୍ୱାଗତ ଭାଷଣ ଦେବା ସହ ସଂଘର ବିଭିନ୍ନ ସମସ୍ୟା ଓ ବାର୍ଷିକ ଆୟବ୍ୟୟ ଉପରେ ଆଲୋଚନା କରିଥିଲେ। ମୁଖ୍ୟତଃ ଜିଏମ୍‌ଆରରେ ପାଉଁଶ ପରିବହନରେ ଓଭର ଲୋଡ଼ିଂ କରାଯାଉଥିବା ଅଭିଯୋଗ କରି ସଂଘର କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ଅନୁଗୋଳ, ଢେଙ୍କାନାଳ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ନାଲ୍‌କୋରେ ପାଉଁଶ ପରିବହନ କାର୍ଯ୍ୟ କିଭଳି ଠିକ୍ ଭାବେ ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ଟ୍ରକ୍ ମାଲିକ ସଂଘ ପକ୍ଷରୁ ଚଳିତ ବର୍ଷ ଗରିବ ଲୋକଙ୍କ ପାଇଁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯିବାକୁ ସଭାରେ ଆଲୋଚନା ହୋଇଥିଲା। କିଭଳି ସ୍ୱଳ୍ପ ମୂଲ୍ୟରେ ଗରିବ ଲୋକେ ଏହି ସେବା ପାଇପାରିବେ ସେ ଉପରେ ସଭାପତି ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଦୀପକ ସାହୁ, ସହ ସମ୍ପାଦକ ନୀଳକଣ୍ଠ ସାହୁ, ଉପଦେଷ୍ଟା ଦୁଃଶାସନ ବରାହ, ସତ୍ୟବାନ ବରାହ, କୁଳମଣି ବିଳାସ, କୁମୁଦ ନାଥ ପ୍ରମୁଖଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ନାଲ୍‌କୋ ପେରିଫେରୀ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା।

**ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ରକ୍ତଦାନ ଶିବିର
ସ୍ଥାନ: ଭାଗୀରଥି ଯୁଥ୍ କ୍ଲବ
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ପରଜଙ୍ଗ, ୨୫।୮ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୫୩ନଂ. ଜାତୀୟ ରାଜପଥର ପଥରଖମ୍ଭ ଛକ ନିକଟରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଥରଖମ୍ଭ ଗ୍ରାମର ମିଳନ ବିଶ୍ୱାଳ। ରବିବାର ଭୋର୍ ସମୟରେ ରାସ୍ତାରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। କାମାକ୍ଷାନଗର ଏସ୍‌ଆଇ ଶ୍ରୀନିବାସ ସେଠୀ, ଏଏସ୍‌ଆଇ ନିତ୍ୟାନନ୍ଦ ପତି ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ଶନିବାର ରାତିରେ ମୁକ୍ତାପଶି ଛକରୁ ମିଳନ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ହେଲେ ରାସ୍ତାରେ କେହି ଯାତାୟାତ କରୁ ନ ଥିବାରୁ ଘଟଣା ଜଣାପଡ଼ି ନ ଥିଲା। ତହସିଲଦାର ଜୟନ୍ତ କୁମାର ଜୟସିଂ ମୃତ ଯୁବକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏ ନେଇ କାମାକ୍ଷାନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ପରଜଙ୍ଗ ଅଞ୍ଚଳରେ ଚୋର ଆତଙ୍କ

**ପରଜଙ୍ଗ, ୨୫।୮ (ଡି.ଏନ.ଏ.):** ପରଜଙ୍ଗ ଥାନା ଅଞ୍ଚଳରେ କିଛିଦିନ ହେଲା ଚୋରି, ରାହାଜାନି ଭଳି ଘଟଣା ବଢ଼ିବାରେ ଲାଗିଛି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପିଟିରି ଗ୍ରାମର ପ୍ରାଣବନ୍ଧୁ ନାଥଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶି ନଗଦ ୧୨ ହଜାର ଟଙ୍କା, ସୁନା ମଙ୍ଗଳସୂତ୍ର ନେଇଯାଇଛନ୍ତି। ଭୋର୍ ୩ଟାରେ ପରିବାର ଲୋକେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ନେଇ ପ୍ରାଣବନ୍ଧୁ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ସେହିପରି ପିଟିରି ଛକରେ ଅବସ୍ଥିତ ପିଙ୍କୁ ଭୂତିଆଙ୍କ ଚା ଦୋକାନରୁ ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି। ନାଭ ଭୂତିଆଙ୍କ ଘରୁ ଚୋରି ଉଦ୍ୟମ ବେଳେ ପରିବାର ଲୋକେ ଉଠିପଡ଼ିଥିଲେ। ଫଳରେ ଚୋରମାନେ ସେମାନଙ୍କ ଉଦ୍ଦେଶ୍ୟରେ ସଫଳ ହୋଇପାରିନାହାନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ୭ରୁ ନଟରାଜ କୁମାରୋତ୍ସବ ସାଂସ୍କୃତିକ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୫।୮:** ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ବିଦ୍ୟାଳୟ ପକ୍ଷରୁ ୩୪ତମ ନଟରାଜ କୁମାରୋରୋତ୍ସବ-୨୦୧୯ ଉପଲକ୍ଷେ ସେପ୍ଟେମ୍ବର ୭ ଏବଂ ୮ରେ ଜିଲା ଲେଖକ ସଂସଦରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବ। ନଟରାଜ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଫ୍ୟାନ୍ସି ଡ୍ରେସ୍ ଆଦି ବିଭାଗରେ ପ୍ରତିଯୋଗିତା କରାଯିବ। ଏଥିରେ କନିଷ୍ଠ ବିଭାଗ (ପ୍ରଥମରୁ ୬ଷ୍ଠ ଶ୍ରେଣୀ), ବରିଷ୍ଠ ବିଭାଗ (୭ରୁ ୧୦ମ ଶ୍ରେଣୀ)ରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରତିଯୋଗୀଙ୍କୁ ଉକ୍ତଦିନ ପୂର୍ବାହ୍ନ ୯ଟା ସୁଦ୍ଧା ଲେଖକ ସଂସଦରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। କୃତୀ ପ୍ରତିଯୋଗୀଙ୍କୁ ଅକ୍ଟୋବର ୧୩ ଏବଂ ୧୪ରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ହେବାକୁ ଥିବା ନଟରାଜ କୁମାରୋତ୍ସବ ମଞ୍ଚରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ସଭାପତି କୃଷ୍ଣ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ■କ୍ୟାନ୍‌ସର ଆକ୍ରାନ୍ତ ବାପାଙ୍କ ମୃତ୍ୟୁ ବଦଳାଇଦେଲା ଚିନ୍ତାଧାରା

# ରକ୍ତଦାନ ନିଶାରେ ବାପି

**କାମାକ୍ଷାନଗର, ୨୫।୮
(ସୁଧୀର କୁମାର ପରିଡ଼ା)**

- ଏଯାଏ ୩୫ ଥର ରକ୍ତ ଦେଇସାରିଲେଣି
- ପାଲଟିଛନ୍ତି ଯୁବପିଢ଼ିଙ୍କ ପ୍ରେରଣା



ରକ୍ତଦାନ କରିବାକୁ ଆଗ୍ରହ ନ ଥିଲା। କ୍ୟାନ୍‌ସର ଆକ୍ରାନ୍ତ ବାପାଙ୍କ ପାଇଁ ବାଧ୍ୟବାଧକତାରେ ପ୍ରଥମ ଥର ଶରୀରରେ ଫୋଡ଼ା ହୋଇଥିଲା ରକ୍ତ ସଂଗ୍ରହ ଛୁଞ୍ଚି। ଡାକ୍ତରଙ୍କ ସମସ୍ତ ଉଦ୍ୟମ ବୃଥା ଗଲା। ବାପା ଚାଲିଗଲେ ଆରପାରିକୁ। ହେଲେ ଏହି ଘଟଣା ପରେ ସମ୍ପୂର୍ଣ୍ଣ ବଦଳିଗଲା ତାଙ୍କ ଚିନ୍ତାଧାରା। ସେ ହୃଦୟଙ୍ଗମ କରିପାରିଥିଲେ ରୋଗୀ ପାଇଁ ରକ୍ତର ଆବଶ୍ୟକତାକୁ। ଏହାପରେ ସେ ଆଉ ପଛକୁ ଫେରିନାହାନ୍ତି। ରକ୍ତଦାନ ନିଶାରେ ପଡ଼ିଥିବା ଏହି ଯୁବକ ହେଲେ ସୁମନ୍ତ କୁମାର ବେହେରା ଓରଫ୍ ବାପି। ରକ୍ତସଙ୍କଟ ସମୟରେ ସେ ପାଲଟିଯାଆନ୍ତି ରୋଗୀଙ୍କ ତ୍ରାଣକର୍ତ୍ତା। ପେସାରେ ଜଣେ ସେଲ୍ସମ୍ୟାନ୍ ହୋଇଥିଲେ ମଧ୍ୟ ଏପରି ମହତ୍ କାର୍ଯ୍ୟ ତାଙ୍କୁ ଜନମାନସରେ ପରିଚିତ କରାଇଛି।

ଢେଙ୍କାନାଳ ଜିଲା କାନପୁରା ପଞ୍ଚାୟତ ଜିରିଡ଼ାମାଳିରେ ରୁହନ୍ତି ବାପି। ୨ଭାଇ, ଜଣେ ଭଉଣୀ, ବୃଦ୍ଧା ମା'ଙ୍କୁ ନେଇ ତାଙ୍କ ପରିବାର। ୧୦ ବର୍ଷ ହେଲା ବାପା ଆରପାରିରେ। ମଝିଆ ଭାଇଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି। ବଡ଼ ଭାଇ ନିଜ ପରିବାର ସହ ସରାଙ୍ଗରେ ରହୁଛନ୍ତି। ଆର୍ଥିକ ସ୍ଥିତି ସେତେଟା ସ୍ୱଚ୍ଛଳ ନୁହେଁ। ଭଙ୍ଗା ନୂଆଣିଆ ଦୁଇ ବଖରା ଚାଳଘରେ ବୃଦ୍ଧା ମା' ଏବଂ ବାପି ରହୁଛନ୍ତି।

ନିଜର ଅଙ୍ଗେନିଭା ଅନୁଭୂତି ବଖାଣି ବାପି କୁହନ୍ତି, ୨୦୧୦ରେ ହଠାତ୍ ବାପାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିଗଲା। ଜ୍ୱର ଛାଡ଼ିଲାନି। ହିମଗ୍ଲୋବିନ୍ କମିଗଲା। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ସତ୍ତ୍ୱେ ସୁଫଳ ମିଳିଲାନି। ଡାକ୍ତର କଟକ ନେଇଯିବାକୁ ପରାମର୍ଶ ଦେଲେ। ସେଠାରେ ପରୀକ୍ଷା ପରେ ବାପା କ୍ୟାନ୍‌ସର ଆକ୍ରାନ୍ତ ବୋଲି ଜଣାପଡ଼ିଲା। ଚିକିତ୍ସା ସମୟରେ ରକ୍ତର ଆବଶ୍ୟକତା ଦେଖାଦେଲା। ସେତେବେଳକୁ ଜମାରୁ ୨୩ବର୍ଷ। ରକ୍ତଦାନ ବିଷୟରେ ସେତେଟା ଜ୍ଞାନ ନ ଥାଏ। ଭୟ ଲାଗୁଥାଏ। ଇଚ୍ଛା ନ ଥିଲେ ମଧ୍ୟ କଟକ ରକ୍ତଭଣ୍ଡାରରେ ପ୍ରଥମ ଥର ରକ୍ତ ଦେବାକୁ ପଡ଼ିଲା। କିଛିଦିନର ଚିକିତ୍ସା ପରେ ସମସ୍ତଙ୍କୁ ପରକରି ବାପା ଆରପାରିକୁ ଚାଲିଗଲେ। ଏହି ଘଟଣା ମନରେ ଗଭୀର ରେଖାପାତ କଲା। ସେହିଦିନ ହିଁ ବୁଝାପଡ଼ିଲା ରୋଗୀ ପାଇଁ ରକ୍ତର ମହତ୍ତ୍ୱ କେତେ। ୩୨ବର୍ଷ ବୟସରେ ଅଦ୍ୟାବଧି ସେ ୩୫ ଥର ରକ୍ତଦାନ କରିସାରିଲେଣି। ତାଙ୍କଠାରୁ ପ୍ରେରଣା ପାଇ ଅନେକ ଯୁବକ ମଧ୍ୟ ଏଥିପ୍ରତି ଆଗ୍ରହୀ ହେଉଥିବା ସେ କହିଛନ୍ତି।

ନିଜର ବୃତ୍ତିଗତ ଜୀବନ ବିଷୟରେ ବାପି କୁହନ୍ତି, ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଯୁକ୍ତ ୨ପରେ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିଲା। ଏବେ ସେ ଏକ ଶପିଂ ମଲ୍‌ରେ ସେଲ୍ସମ୍ୟାନ୍ ଭାବେ କାମ କରୁଛନ୍ତି। ରକ୍ତ ଆବଶ୍ୟକ ପଡ଼ିଲେ ତାଙ୍କୁ ଖୋଜାପଡ଼େ। କୌଣସି କାରଣରୁ ଯଦି ସେ ରକ୍ତଦାନ କରିବାକୁ ଅସମର୍ଥ ହୁଅନ୍ତି, ତେବେ ରକ୍ତ ଯୋଗାଡ଼ କରିଦେଇଥାନ୍ତି। ଏଥିପାଇଁ ମଲ୍ ମାଲିକ ମଧ୍ୟ ସହଯୋଗ କରିଥାନ୍ତି। ନିକଟ ଅତୀତରେ ତାଳଚେର ଅଞ୍ଚଳର ଜଣେ ୧୨ ବର୍ଷର ଶିଶୁଙ୍କ ଘରୋଇ ହସ୍ପିଟାଲରେ ହାର୍ଟ ଅପରେଶନ ହୋଇଥିଲା। ଏହି ସମୟରେ ବାପି ରକ୍ତଦାନ କରିଥିଲେ, ଯାହା ତାଙ୍କୁ ଗଭୀର ଆତ୍ମସନ୍ତୁଷ୍ଟି ଦେଇଥିଲା। ଜୀବନ ଥିବା ଯାଏ ଏପରି ମହତ୍ କାର୍ଯ୍ୟ ଜାରି ରଖିବେ ବୋଲି ବାପି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com



@ ଚନ୍ଦ୍ରମଣି



@ ଶୁଭାଶିଷ

# ୪୪ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୫।୮**

ଢେଙ୍କାନାଳସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଏବଂ ଚାର୍ଲି ଚାପ୍‌ଲିନ କଲଚ୍ରାଲ କ୍ଲବ (ସି-ଫୋର)ର ମିଳିତ ସହଯୋଗରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଅନୁଷ୍ଠାନ ଶାଖା ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

ଜିଲା ରକ୍ତଭଣ୍ଡାର ଡା. ଛାୟାକାନ୍ତ ପରିଡ଼ା, ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରୋହିତ ଦାସ, ଷ୍ଟାଫ୍ ନର୍ସ ପ୍ରତିମା ଖଟୁଆ, ଅଜୟ ସ୍ୱାଇଁ, ତପନ ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶାଖା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା, ବିରଞ୍ଚି ନାରାୟଣ ସେଠ୍, ସୁଶୀଳା ଅଗ୍ରୱାଲ, ସିଫୋର ପକ୍ଷରୁ ଅରବିନ୍ଦ ସାହୁ, ଅଥୟ ସାହୁ, ମନୋହର ଶତପଥୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ସତ୍ୟସ୍ୱରୂପ ଦାସ, କାମାକ୍ଷା ପ୍ରସାଦ ରଣା, ରାଜଶ୍ରୀ ଶତପଥୀ, ଦେବାଶିଷ ମିଶ୍ର, ଏ.ଏନ୍.ପି. ଲୋପାମୁଦ୍ରା, ଜିଜ୍ଞାସୁ ଏ.ଆର. ସାହୁ, ମାନସ ତ୍ରିପାଠୀ, ଆଶିଷ ଶତପଥୀ, ହରେକୃଷ୍ଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରତାପ ଭୂତିଆ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨୫।୮**

ବହୁଚର୍ଚ୍ଚିତ ପ୍ରତାପ ଭୂତିଆ (୩୪) ହତ୍ୟା ଘଟଣାର ୫ଦିନ ପରେ ପ୍ରମୁଖ ଅଭିଯୁକ୍ତ ହାପୁ ସାହୁ ଓରଫ୍ ନୀତିନ (୨୨)ଙ୍କୁ ପୋଲିସ ରବିବାର ଗିରଫ କରିଛି। ଅନ୍ୟ ୫ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି। ପ୍ରତାପ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବାରୁ ତାଙ୍କୁ ମାଡ଼ ମାରିଥିବା ନୀତିନ ସ୍ୱୀକାର କରିଥିବା ଏସ୍‌ଡିପିଓ ଶ୍ରୀହର୍ଷ ମଲ୍ଲିକ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଇନ୍ଦିରା ଆବାସ ପ୍ରଦାନରେ ଚଞ୍ଚକତା ଏବଂ ଏହାର ପ୍ରତିବାଦ କରିବାରୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଗଁଦିଆ ଥାନା ଅଧୀନ ତାରିଣୀ ଛକରେ ପ୍ରତାପଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। କେତେଜଣ ଯୁବକ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଗଁଦିଆ ଥାନାରେ ନଂ. ୧୪୬/୧୯ରେ ହତ୍ୟା ମାମଲା ରୁଜୁ କରାଯାଇଛି।

# କମୁନି ହାତୀପଲ ଉତ୍ପାତ

**ପରଜଙ୍ଗ, ୨୫।୮ (ଡି.ଏନ.ଏ.)**



ହାତୀପଲ ରାସ୍ତା ପାର ହେଉଛନ୍ତି।

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବ କମୁନାହିଁ। ନରହନ୍ତା ଦନ୍ତା ଆତଙ୍କରେ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକିଲେଣି। ଶନିବାର ରାତିରେ ପରଜଙ୍ଗ ପଞ୍ଚାୟତ ଖଣ୍ଡୁଆଳମୁଣ୍ଡା ଗ୍ରାମରେ ପଶି ହିଂସ୍ର ଦନ୍ତା ଦୌରାତ୍ମ୍ୟ କରିଥିଲା। ହାତୀ ଗର୍ଜନରେ ଅଞ୍ଚଳ ଥରହର ହୋଇଯାଇଥିବାବେଳେ ଲୋକେ ଭୟଭୀତ ଅବସ୍ଥାରେ ରାତି କଟାଇଥିଲେ।

ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦନ୍ତା ଦୀର୍ଘ ସମୟ ଧରି ଆତଙ୍କ ସୃଷ୍ଟି କରିଥିଲା। ବିଳମ୍ବିତ ରାତିରେ ଗ୍ରାମରେ ପଶି ପୁରୁଷୋତ୍ତମ ବାରିକଙ୍କ ଘର ଭାଙ୍ଗି ଦେଇଥିଲା। ପରିବାର ସଦସ୍ୟ ଶୋଇଥିବାବେଳେ ଦନ୍ତା ଚାଳ ଘର ଭାଙ୍ଗି ଦେଇଥିଲା। ଫଳରେ ସମସ୍ତେ ଚାପି ହୋଇ ରହିଯାଇଥିଲେ। ହାତୀ ବିଭିନ୍ନ ଆସବାବପତ୍ର ନଷ୍ଟ କରିଦେଇଛି। ହାତୀ ପଳାଇଯିବା ପରେ ପଡ଼ୋଶୀ ଉଠି ପୁରୁଷୋତ୍ତମ ଏବଂ ଅନ୍ୟମାନଙ୍କୁ ଉଦ୍ଧାର କରିଥିଲେ। ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ



- ଘର ଭାଙ୍ଗିଲା ଦନ୍ତା
- ବର୍ତ୍ତିଲା ପରିବାର
- ବ୍ୟାପକ ଫସଲ ନଷ୍ଟ

ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ସେହିପରି ରତ୍ନାକର ଭୂତିଆ, ବସନ୍ତ ନାଏକଙ୍କ ଘର ମଧ୍ୟ ଦନ୍ତା ଭାଙ୍ଗିଦେଇଛି।

ଏ ନେଇ ଫରେଷ୍ଟର ରାମଚନ୍ଦ୍ର ରାଉତ କୁହନ୍ତି, ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ହାତୀ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ରବିବାର ଭୋର୍‌ରୁ ହାତୀପଲ ଭାଲୁମୁଣ୍ଡା-ପରଜଙ୍ଗ ପୂର୍ତ୍ତ ବିଭାଗ ରାସ୍ତା ପାର ହୋଇ ବାରବାଙ୍ଗ ଜଙ୍ଗଲକୁ ଚାଲିଯାଇଛନ୍ତି। ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀ ଘଉଡ଼ାଇବାକୁ କାମାକ୍ଷାନଗର, ଦଦରାଘାଟି ସେକ୍ସନରୁ ହାତୀ ସ୍କ୍ୱାଡ୍‌ଙ୍କୁ ଡକାଯାଇଛି। ହାତୀ ଗତିବିଧି ଉପରେ ନଜର ରଖାଯାଇଛି।

# ଜ୍ଞାନବିଜ୍ଞାନ ମେଳା: ୧୫୪ ପ୍ରକଳ୍ପ ପ୍ରଦର୍ଶିତ

**ଢେଙ୍କାନାଳ ଅଫିସ, ୨୫।୮**



ଢେଙ୍କାନାଳ ସରସ୍ୱତୀ ଶିଶୁମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ ଶିକ୍ଷାନୁଷ୍ଠାନର ୨୯୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ୧୫୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଇ-ଟେକ୍ କଲେଜ ଅଧ୍ୟକ୍ଷା ସାଗରବାଳା ହୋତା ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନେ ନିଜ ଭିତରେ ବୈଜ୍ଞାନିକ ଚିନ୍ତାଧାରା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସଙ୍କୁଳପ୍ରମୁଖ ମନମୋହନ ତ୍ରିପାଠୀ ବିଜ୍ଞାନମେଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବର୍ଗରେ ୧୬୬ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଉମେଶ ଚନ୍ଦ୍ର ଦାସ, ଶିକ୍ଷାବିତ୍ ନିରଞ୍ଜନ ସାହୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା, ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ, ସହ ପ୍ରଧାନ ଆଚାର୍ଯ୍ୟ ମିଲୁ ଚରଣ ଦେହୁରୀ, ସଙ୍କୁଳ ବିଜ୍ଞାନ ପ୍ରମୁଖ ଅନିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ପିଇଓ ସଂଘର କର୍ମକର୍ତ୍ତା ନିର୍ବାଚନ

# ସୁବ୍ରତ ସଭାପତି, ଅଜୟ ସମ୍ପାଦକ

**ଢେଙ୍କାନାଳ ଅଫିସ, ୨୫।୮**

ଢେଙ୍କାନାଳ କଲେଜ ବାଇପାସ୍ ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁବ୍ରତ କୁମାର ମଲ୍ଲିକ, ଉପସଭାପତି ବିଜୟ କୁମାର ମିଶ୍ର, ସମ୍ପାଦକ ଅଜୟ କୁମାର ନାୟକ, ସହ ସମ୍ପାଦକ ବିଶ୍ୱନାଥ ପାଣି, କୋଷାଧ୍ୟକ୍ଷ ଦିଲୀପ କୁମାର ଦେହୁରୀ, ସମୀକ୍ଷକ ଅର୍ଜ୍ଜୁନ ରାଉଳ, ରାଜ୍ୟ କାଉନ୍‌ସିଲର୍ ସଭ୍ୟ ଭାବେ କିଶୋର ଚନ୍ଦ୍ର ମହାପାତ୍ର ଏବଂ କୃଷ୍ଣଚନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି। ପରିକ୍ଷିତ ପାଣିଗ୍ରାହୀ, ନବକିଶୋର ମିଶ୍ର, ଡମ୍ବରୁଧର ପୃଷ୍ଟି, ଅନିରୁଦ୍ଧ ରାଉତ, ଗୟାଚାନ୍ଦ ଦାସ, ରତ୍ନାକର ଲେଙ୍କା, ପ୍ରଫୁଲ୍ଲ କୁମାର ସେନାପତି, ନୃସିଂହ ଚରଣ ଦାସ ପ୍ରମୁଖଙ୍କୁ ଉପଦେଷ୍ଟା ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ନବକିଶୋର ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ। ବୈଠକରେ ଜିଲାର ସମସ୍ତ ପିଇଓ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ହିରଣ୍ୟ କୁମାର ବରାଳ, ବନମାଳୀ ପୃଷ୍ଟି, ରମେଶ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଫଟୋରେ ଖବର



ଢେଙ୍କାନାଳ ସହରରେ ନନ୍ଦ ଉତ୍ସବ ପାଳନ ଅବସରରେ କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରୁଛନ୍ତି।



ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ଶନିବାର ସ୍କୁଲ ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଛାତ୍ରୀ ଏବଂ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ।



ହିନ୍ଦୋଳ ବ୍ଲକ ଖଜୁରିଆକଟା ବଜାର କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ରବିବାର ଶଙ୍କରାବାହାଳି ପଡ଼ିଆ ନିକଟ ପୁଷ୍କରିଣୀରେ ପାରମ୍ପରିକ ନୀତି ଅନୁଯାୟୀ ଶୁଭମାଟି ଅନୁକୂଳ କରାଯାଉଛି।

